## ଜଳିଗଲା ଚଳନ୍ତା କାର୍

ନୀଳଗିରି,(ସ୍ୱ.ପ୍ର)-ବାଲେଶ୍ୱର ଜିଲା ନୀଳଗିରି ଥାନା ରେମୁଣା-ମିତ୍ରପୁର ଅଯୋଧା ରାସ୍ତାର ପାଟଣା ନିକଟରେ ହଠାତ୍ ଏକ ଚଳନ୍ତା କାର୍ ଜଳି ଯାଇଥିଲା। ଏଥିରେ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଛନ୍ତି। କାର୍‌ରେ ଡ୍ରାଇଭର ଏକାକୀ ଥିଲେ। ଅଯୋଧା ଅଭିମୁଖେ ଯିବା ବେଳେ ପାଟଣା ନିକଟରେ ହଠାତ୍ କାର୍ ଆଗରେ ଧୂଆଁ ବାହାରିଲା। ଡ୍ରାଇଭର ଜଣକ ଗାଡ଼ି ଅଟକାଇ ବାହାରି ଆସିବାରୁ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ନିଆଁ ଲାଗିବାର କାରଣ ଜଣାପଡ଼ିନି।

## ସଂକ୍ଷେପରେ

### କାର ଧକ୍କାରେ ବାଇକ୍ ଆରୋହୀ ମୃତ

ଆନନ୍ଦପୁର,୧୧।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ୨୦ ନଂ ଜାତୀୟ ରାଜପଥର ନୂଆଗାଁ ଛକ ନିକଟରେ ଏକ କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ସ୍ଥାନୀୟ ରାମଚନ୍ଦ୍ରପୁର ଥାନା ଅଧୀନ ଉଜୁଣି ଗ୍ରାମର ସୁବ୍ରତ ରାଉତ ବୋଲି ଜଣାପଡ଼ିଛି। ଖବରପାଇ ରାମଚନ୍ଦ୍ରପୁର ପୁଲିସ ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଛି। କାର ଚାଳକ ଆହତ ହୋଇଥିବା ଜଣାପଡ଼ିଛି।

### ଟ୍ରକ୍-ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ

ପାଟଣା,୧୧।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ରାସ୍ତା ମାଧପୁର ଛକ ନିକଟରେ ଶନିବାର ଏକ ଟ୍ରକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ କେନ୍ଦେଇପଶି ପଞ୍ଚାୟତ ଖୁଣ୍ଟାପଡ଼ା ଗ୍ରାମର ଜୀବନ ଜ୍ୟୋତି ମହାନ୍ତ(୨୨)। ଜ୍ୟୋତି ଯୋଗ କ୍ଲାସ କରିବାକୁ ପାଟଣା ଅଭିମୁଖେ ଯାଉଥିଲେ। ପାଟଣା ପାର୍ଶ୍ୱରୁ ଆସୁଥିବା ୧୨ ଚକିଆ ଟ୍ରକ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ପାଟଣା ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ, ଏଏସ୍ଆଇ ଏନ ଲୁଗୁନ ପହଞ୍ଚି ଟ୍ରକ୍ ଓ ବାଇକ ଜବତ କରି ତଦନ୍ତ କରୁଛନ୍ତି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ

ଭୋଗରାଇ,୧୧।୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାଟଗ୍ରାମ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ବିଭାଗୀୟ ଭକ୍ତ ସମ୍ମିଳନୀ ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏହି ସମ୍ମିଳନୀରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀ ଶ୍ରୀ ଠାକୁର ମହାରାଜାଙ୍କ ସୁସଜ୍ଜିତ ରଥରେ ବର୍ଣ୍ଣାଢ୍ୟ ନଗର ପରିକ୍ରମା ଶୋଭାଯାତ୍ରା କରାଯାଇଛି। ଠାକୁର ନିଗମାନନ୍ଦଙ୍କ ସଭାମଞ୍ଚରେ ଅଧିବାସ କୃତ୍ୟ, ପୂଜା, ଆରତି, ସ୍ତୋତ୍ର ବନ୍ଦନା, ଜୟଗୁରୁ ମହାନାମ ସଙ୍କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମଗ୍ର ପରିବେଶ ଆଧାତ୍ମିକ ଭାବଧାରା ସୃଷ୍ଟି ହୋଇଛି।

### ଆନ୍ଦୋଳନକୁ ଓହ୍ଲାଇବ ଶିକ୍ଷକ ସଂଘ

ଗୋପବନ୍ଧୁ ନଗର, ୧୧।୨ (ଡି.ଏନ.ଏ.)- ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ବାତିଲ କରିବା, କେନ୍ଦ୍ରୀୟ ହାରରେ ଦରମା ଓ ପୁରୁଣା ପେନ୍‌ସନକୁ ପୁନଃ ପ୍ରଚଳନ ଆଦି ୩ ଦଫା ଦାବି ନେଇ ଶିକ୍ଷକମାନେ ଦୁଇମାସ ତଳେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଥିଲେ। ମୁଖ୍ୟ ଶାସନ ସଚିବ ଏନେଇ ଡିସେମ୍ବରରେ ଉଚ୍ଚସ୍ତରୀୟ ବୈଠକରେ ଶିକ୍ଷକମାନଙ୍କ ସହ ଆଲୋଚନା କରିବେ। ଦାବି ଉପରେ ସରକାର ପ୍ରତିଶ୍ରୁତି ଦେବା ପରେ ଶିକ୍ଷକ ସଂଘ ଆନ୍ଦୋଳନରୁ ଓହରିଥିଲା। ହେଲେ ଦୁଇମାସ ପରେ ବି କୌଣସି ପଦକ୍ଷେପ ନିଆଯାଇ ନାହିଁ। ପ୍ରତିଶ୍ରୁତି ପୂରଣ ନ ହେବାରୁ ଶିକ୍ଷକ ସଂଘ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଛି। ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ନିର୍ଦ୍ଦେଶରେ ଶନିବାର ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଡମ୍ବରୁଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସଂଘର ସଭାପତି ପ୍ରିୟବ୍ରତ ବାରିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁକାନ୍ତ କୁମାର ଦାସ, ଶିକ୍ଷକ ହରେନ୍ଦ୍ର ପାତ୍ର, ଭାଗିରଥୀ ପରିଡ଼ା, ବିନୋଦ ମହାନ୍ତି, ବୈଜୟନ୍ତୀ କର, ଗଜେନ୍ଦ୍ର ବେହେରା, ହେମେନ୍ଦ୍ର ସିଂ, ପୀତାମ୍ବର ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ସୋର, ୧୧।୨(ଡି.ଏନ୍.ଏ.)-ସୋର ବ୍ଲକ ସରଶଂଖ ଜଗନ୍ନାଥ ମନ୍ଦିରର ବଡ଼ ପଣ୍ଡା ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ରାଧାକାନ୍ତ ପଣ୍ଡା(୭୬)ଙ୍କର ଶୁକ୍ରବାର



ରାତିରେ ପରଲୋକ ହୋଇଯାଇଛି। ସେ ପାଇଖାନାକୁ ଯାଇଥିବା ବେଳେ ତଳେ ପଡ଼ିଯାଇଥିଲେ। ହୃଦ୍‌ଘାତ କାରଣରୁ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ମୃତ୍ୟୁର ଖବର ପାଇ ସ୍ଥାନୀୟ ବହୁ ମାନ୍ୟଗଣ୍ୟ ଲୋକେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ପଣ୍ଡା ଜଣେ ଆଦର୍ଶ ଶିକ୍ଷକ ଭାବେ ୨୦୦୫ ମସିହାରେ ରାଜ୍ୟପାଳ ପୁରସ୍କାର ପାଇଥିଲେ। ଅବସର ପରେ ସରଶଂଖ ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।

# କାମରେ ଲାଗୁନି ନୂତନ ହଷ୍ଟେଲ

**ଟିକିରା ଆଦର୍ଶ ବିଦ୍ୟାଳୟ**

- ସମସ୍ୟା ଭୋଗୁଛନ୍ତି ଛାତ୍ରୀଛାତ୍ର
- ପାଚେରି ନ ଥିବାରୁ ଆଲର୍ଟ ହେଉନି: କର୍ତ୍ତୃପକ୍ଷ

ଢେଙ୍କିକୋଟ,୧୧।୨(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଘଟଗାଁ ବ୍ଲକ୍ ଢେଙ୍କିକୋଟ ପଞ୍ଚାୟତ ଟିକିରା ଗ୍ରାମରେ ଥିବା ଆଦର୍ଶ ବିଦ୍ୟାଳୟର ହଷ୍ଟେଲ୍ ଛାତ୍ରୀଛାତ୍ରଙ୍କ ନିମନ୍ତେ ଆଲର୍ଟ ହୋଇନାହିଁ। ଫଳରେ ହଷ୍ଟେଲ ପରିସର ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇଛି। ଘଟଗାଁ ବ୍ଲକ୍‌ର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଗରିବ ଆଦିବାସୀ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରୁ ବିଦ୍ୟାଳୟକୁ ଯାତାୟାତରେ ସମସ୍ୟା ଭୋଗିବା ସହ ପାଠ ପଢ଼ାରେ ମଧ ବ୍ୟାହାତ ଘଟୁଥିବା ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ତରଫରୁ ଜିଲା ଖଣି ପ୍ରତିଷ୍ଠାନ ସହାୟତାରେ ୧ କୋଟି ୧୯ ଲକ୍ଷ ୬୭ ହଜାର ୭୪୯ ଟଙ୍କା ବ୍ୟୟରେ ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରାବାସ ନିର୍ମାଣ ହୋଇଥିଲା। ୧ ମେ ୨୦୧୯ରେ ହଷ୍ଟେଲ ବିଦ୍ୟାଳୟକୁ ହସ୍ତାନ୍ତର କରାଯାଇଛି। ହସ୍ତାନ୍ତରକୁ ୪ ବର୍ଷ ପୂରିଥିଲେ ବି କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ଏଥିସହ



ହଷ୍ଟେଲ ପରିସରରେ ଗଛଲତା ଉଠିଗଲାଣି।

୨୦୨୨ ଡିସେମ୍ବର ୨୬ରେ ନିର୍ମାଣାଧୀନ ଏକ ବାଳିକା ଓ ଏକ ବାଳକ ଛାତ୍ରାବାସକୁ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିଲେ। ଏହା ମଧ ଶହେ ଶଯ୍ୟାବିଶିଷ୍ଟ ଅଟେ। ଦୁଇ ହଷ୍ଟେଲ ମଧ ଛାତ୍ରୀଛାତ୍ରଙ୍କ ନିମନ୍ତେ ଆଲର୍ଟ ହେଉନାହିଁ। କେବଳ ପୁରୁଣା ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରୀନିବାସରେ ୭୫ ଛାତ୍ରୀ ରହୁଛନ୍ତି। ମୋଟ ୨୦୯ ଛାତ୍ରୀ, ୨୦୦ ଛାତ୍ର ରହିବା ଭଳି ହଷ୍ଟେଲ ନିର୍ମାଣ ସରିଥିଲେ ବି ମାତ୍ର ୭୫ ଜଣଙ୍କୁ ସୁବିଧା ମିଳିପାରୁଛି। ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଅନ୍ୟପକ୍ଷେ ବିଦ୍ୟାଳୟରେ ମୋଟ ୫୮୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ ନିମନ୍ତେ ସିଟ୍ ରହିଛି। ବର୍ତ୍ତମାନ ବିଦ୍ୟାଳୟରେ ୬ଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ୫୧୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାତ୍ର ସ୍ଥାୟୀ ଅଧ୍ୟକ୍ଷଙ୍କ ସମେତ କଳା ଶିକ୍ଷକ, ମ୍ୟୁଜିକ ଶିକ୍ଷକ ଅଭାବ ରହିଛି। ୪ ଶିକ୍ଷକ ଚୁକ୍ତି ଭିତ୍ତିରେ କାର୍ଯ୍ୟ ତୁଲାଉଛନ୍ତି। ହଷ୍ଟେଲରେ ଛାତ୍ରୀଛାତ୍ରଙ୍କ ରହିବା ବ୍ୟବସ୍ଥା, ଶିକ୍ଷକ ନିଯୁକ୍ତି ସହ ଆଦର୍ଶ ବିଦ୍ୟାଳୟରେ +୩ ଖୋଲିବାକୁ ଢେଙ୍କିକୋଟ ବିକାଶମଞ୍ଚର ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଯୁଗଳ କିଶୋର ଦାସ ଦାବି କରିଛନ୍ତି।

ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶୁଭେନ୍ଦୁ ମହାରାଜ କହିଛନ୍ତି, ଛାତ୍ରାବାସର ସୁରକ୍ଷା ନିମନ୍ତେ ଆବଶ୍ୟକ ପ୍ରାଚୀର ନିର୍ମାଣ ହୋଇନାହିଁ। ତେଣୁ ସେଠାରେ ଛାତ୍ରୀଛାତ୍ରମାନଙ୍କୁ ରଖାଯାଇ ନାହିଁ ବୋଲି କହିଥିଲେ। ପ୍ରାଚୀର ନିର୍ମାଣ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ଜିଲାପାଳଙ୍କ ସହ ପ୍ରାଚୀର ନିର୍ମାଣ ସମ୍ପର୍କରେ ଆଲୋଚନା କରିବେ। ଜିଲାପାଳ ଆଶିଷ ଠାକରେଙ୍କ ମତାମତ ନିମନ୍ତେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ସମ୍ଭବ ହୋଇନାହିଁ।

# ବିଦ୍ୟୁତ୍ ଚାଳିତ ଟିଆଗୋର ବଜାର ପ୍ରବେଶ




ବିଦ୍ୟୁତ୍ ଚାଳିତ କାର୍‌ର ବଜାର ପ୍ରବେଶ ଅବସରରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଅଫିସ, ୧୧।୨

ବାଲେଶ୍ୱର ସହର ବାମପଦାସ୍ଥିତ ବାଲେଶ୍ୱର ପ୍ରିମିୟର ଟାଟା ମୋଟର୍ସରେ ବିଦ୍ୟୁତ୍‌ଚାଳିତ ଟିଆଗୋ ଗାଡ଼ିର ଟିଆଗୋ ଇଭି ଓ ନେକ୍ସନ ଇଭି ମଡ଼େଲ୍‌ର ଶୁକ୍ରବାର ବଜାର ପ୍ରବେଶ ହୋଇଛି। କାର୍‌ଗୁଡ଼ିକର ବଜାର ପ୍ରବେଶ ପାଇଁ କେକ୍ କଟାଯାଇଥିଲା। ଏହି ଅବସରରେ ଟାଇଗୋ ଇଭିର ପ୍ରଥମ ଗ୍ରାହକ ପୁରବି ସାବେରୀଙ୍କୁ ଅତିଥିମାନେ ଚାବି ହସ୍ତାନ୍ତର କରିଥିଲେ।

ଆୟୋଜିତ ଉତ୍ସବରେ କମ୍ପାନୀ ଏମ୍‌ଡି ଶିବୁ ପୋଦ୍ଦାର ଯୋଗଦେଇ ଟାଟା ମୋଟର୍ସରେ ନୂଆ ଟିଆଗୋ ଗାଡ଼ିର ଇନ୍ଧନମୁକ୍ତ ବିଦ୍ୟୁତ୍‌ଚାଳିତ ସଂସ୍କରଣର ଲଞ୍ଚ ହୋଇଛି। ଏହି ଗାଡ଼ି ସବୁଠାରୁ ଶସ୍ତା ବିଦ୍ୟୁତ୍ ଚାଳିତ ଅଟେ। ଏହାର ବିଶେଷ ଆକର୍ଷଣ ୧ କିଲୋମିଟର ପିଛା ଏକ ଟଙ୍କାରୁ କମ୍ ପଇସା ଖର୍ଚ୍ଚ ହେଉଥିବା ବେଳେ ଏଥିରେ ଦୁଇଟି ବ୍ୟାଟେରି ବ୍ୟବହାର କରାଯାଉଛି। ଥରକେ ଏହା ଚିଚାର୍ଜ କଲେ ଗାଡ଼ିଟି ୩୧୫ କି.ମି. ପର୍ଯ୍ୟନ୍ତ ଚାଲିଥାଏ। ଏଥିସହିତ ସମସ୍ତ ବ୍ୟାଙ୍କରେ ଏହା ଜିରୋ ଡାଉନ୍‌ପେମେଣ୍ଟରେ ଫାଇନାନ୍ସ ମଧ ହୋଇପାରୁଛି। ଏହାର ବୁକିଂ ଜାରି ରହିଛି। ବାଲେଶ୍ୱରରେ ଟ୍ରାନ୍ସପୋର୍ଟ ଇଷ୍ଟଜୋନ୍‌ର ଡେପୁଟିକମିଶନର ରାମନିବାସ ସିର୍କା, ରୋଡ୍ ସେଫ୍ଟି ଜଏଣ୍ଟ କମିଶନର ସଞ୍ଜୟ କୁମାର ବିଶ୍ୱାଳ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରଞ୍ଜିତ ଦଳବେହେରା, ଶିଳ୍ପାଞ୍ଚଳ ଥାନା ଅଧିକାରୀ ସାଲଖାନ ମୁର୍ମୁ, କମ୍ପାନୀ ଡାଇରେକ୍ଟର ଅଙ୍କିତ ପୋଦାର, ଜିଏମ୍ ପିୟୁସ ବାଜୋରିଆ, ଏସ୍‌ଏମ୍ ଅରବିନ୍ଦ ଦାସ, ଏଆର୍ ଦୀପକ କୁମାର ମହାନ୍ତି, ସର୍ଭିସ୍ ଏସ୍‌ଏମ୍ ଦୁର୍ଗାପ୍ରସନ୍ନ ପାଣିଗ୍ରାହୀ ଏବଂ ସେଲ୍‌ସ ଟିମ୍ ଉପସ୍ଥିତ ଥିଲେ। ଏସ୍‌ବିଆଇ, ଆକ୍ସିସ, ଆଇସିଆଇସିଆଇ ଓ ମହିନ୍ଦ୍ରା ପ୍ରମୁଖ ବ୍ୟାଙ୍କର କର୍ମଚାରୀମାନେ ଉପସ୍ଥିତ ରହି ଗ୍ରାହକଙ୍କୁ ଫାଇନାନ୍ସ ସମ୍ପର୍କରେ ବୁଝାଇଥିଲେ।

# ଆମ ସଂସ୍କୃତି ଆମ ପରିଚୟ

**ରୂପସା ମହୋତ୍ସବର ପଞ୍ଚମ ସନ୍ଧ୍ୟା**



ପଞ୍ଚମ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

ରୂପସା, ୧୧।୨(ଡି.ଏନ.ଏ.)

ମହୋତ୍ସବ ଜୀବନକୁ କରେ ସରସ ସୁନ୍ଦର। ଐତିହ୍ୟ, ସଂସ୍କୃତିର ପୁନରୁଦ୍ଧାର ହୁଏ। ସର୍ବୋପରି ଆମ ସଂସ୍କୃତି ହିଁ ଆମ ପରିଚୟ ବୋଲି ରୂପସା ମହୋତ୍ସବ ପଞ୍ଚମ ସନ୍ଧ୍ୟାରେ ଯୋଗଦେଇ ମୁଖ୍ୟବକ୍ତା ନୀଳମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅଧୀନ ପୋଡ଼ାଡ଼ିହା ଷ୍ଟାର କ୍ଲବ ଓ ମହୋତ୍ସବ କମିଟି ଆନୁକୂଲ୍ୟରେ ୧୧ତମ ବାର୍ଷିକ ରୂପସା ମହୋତ୍ସବର ପଞ୍ଚମ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବସ୍ତା ଏସ୍‌ଡ଼ିପିଓ ଜଳନ୍ଧର ଜାଲି ଉତ୍ସବକୁ ଉଦ୍‌ଘାଟନ କରି ଗ୍ରାମାଞ୍ଚଳ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଉପଦେଷ୍ଟା ଅଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ନିରଞ୍ଜନ ପଣ୍ଡା ଶର୍ମା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ଦଳାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ। ବୀଣାପାଣି ଶିଶୁମନ୍ଦିର ଛାତ୍ରୀମାନେ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଗନ୍ଧମାର୍ଦ୍ଦନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଆନ୍ତଃରାଜ୍ୟ ଦଳଗତ ନୃତ୍ୟ ପ୍ରତିଯୋଗିତା ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଥିଲା।

## କୌରାଳି କଲେଜରେ ଖୋଲିଲା ବିଏସ୍‌ସି ନର୍ସିଂ

ଚମ୍ପୁଆ,୧୧।୨(ଡି.ଏନ.ଏ): କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାର ଶିକ୍ଷା ନଗରୀସ୍ଥିତ କୌରାଳି ୱେଲଫେଆର ଆଣ୍ଡ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ଚଳିତ ଶିକ୍ଷା ବର୍ଷଠାରୁ ବିଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ନାମ ଲେଖା ଆରମ୍ଭ ହେବାକୁ ଯାଉଛି। ଏନେଇ ନର୍ସିଂ କଲେଜ କର୍ତ୍ତୃପକ୍ଷଙ୍କ ନିକଟରୁ ସୂଚନା ମିଳିଛି। ଓଡ଼ିଶା କଲେଜ ଅଫ୍ ନର୍ସିଂ କାଉନ୍‌ସିଲ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ତଥା ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ କୌରାଳି କଲେଜ ଅଫ ନର୍ସିଂ ଦ୍ୱାରା ସ୍ଥାନୀୟ ଉପାନ୍ତ ଅଞ୍ଚଳବାସୀ ଉପକୃତ ହେବେ। ସାମ୍ପ୍ରତିକ ପରିସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ରହିଥିବା ବେଳେ ଏହି ନର୍ସିଂ କଲେଜରେ ଛାତ୍ରୀଛାତ୍ରମାନେ ଶିକ୍ଷା ସୁବିଧା ସହିତ ବିଜ୍ଞାନଗାର ଓ ଉନ୍ନତ ମାନର ଶୈକ୍ଷିକ ବ୍ୟବସ୍ଥା ପାଇପାରିବେ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ପୂର୍ବରୁ ଏହି ପାଠ୍ୟକ୍ରମର ଇଚ୍ଛୁକ ଛାତ୍ରୀଛାତ୍ରମାନେ କଟକ, ଭୁବନେଶ୍ୱରରେ ଥିବା ଶିକ୍ଷାନୁଷ୍ଠାନ ଉପରେ ନିର୍ଭର କରୁଥିଲେ।

## ୨୧ରେ ଚାନ୍ଦବାଲି ବ୍ଲକ ଅଫିସ୍ ଆଗରେ କଂଗ୍ରେସର ଧାରଣା

ଭଦ୍ରକ ଅଫିସ,୧୧।୨

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଠିକ୍ ଭାବେ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଗାଇବା ସହ ଅଯୋଗ୍ୟଙ୍କୁ ତାଲିକାରୁ ବାଦ୍ ଦାବିରେ ଚାନ୍ଦବାଲି ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଆସନ୍ତା ୨୧ ତାରିଖରେ ବ୍ଲକ ଅଫିସ୍ ଆଗରେ ଧାରଣା ଦିଆଯିବ। ଏନେଇ ବ୍ଲକ କଂଗ୍ରେସ କମିଟି ସଭାପତି ବୈଲୋଚନ ପଣ୍ଡା ଲିଖିତ ଭାବେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ତାଲିକାରେ ବହୁ ମୃତ ଓ ଅଯୋଗ୍ୟଙ୍କ ନାମ ଥିବାବେଳେ ଯୋଗ୍ୟଙ୍କୁ ବାଦ୍ ଦିଆଯାଇଛି। ଏ ସମ୍ପର୍କରେ ବିଭିନ୍ନ ପଞ୍ଚାୟତରୁ ଅଭିଯୋଗ କରାଯାଇଥିଲେ ମଧ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ ନ କରି ତରବରିଆ ଭାବେ ତ୍ରୁଟିପୂର୍ଣ୍ଣ ତାଲିକା ପ୍ରକାଶ କରାଯାଇଛି। ଏହାକୁ ନେଇ ଯୋଗ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଖାଉଟି କାର୍ଡ ଥିବା ପରିବାରର ସଦସ୍ୟଙ୍କ ନାମ ମନଇଚ୍ଛା କାଟି ଦିଆଯାଉଥିବାରୁ ସେମାନେ ଖାଉଟି ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଏସବୁର ପ୍ରତିବାଦରେ ଗଣଧାରଣା ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ‘ଲୋକଙ୍କ ସମସ୍ୟା ଦୂର ପାଇଁ କାର୍ଯ୍ୟ କର’

**ଭାଜପାର ବୁଥ୍ ସମାବେଶ**

ଭଣ୍ଡାରିପୋଖରୀ,୧୧।୨(ସ୍ୱ.ପ୍ର.)

ଭଦ୍ରକ ଲୋକସଭା ପ୍ରବାସ ଯୋଜନା ଅବସରରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅଧୀନ ବିଷ୍ଣୁପୁର ପଞ୍ଚାୟତର (ବୁଥ୍ ନଂ.୧୪୨) ହସନପୁରଠାରେ ଭାଜପାର ବୁଥ୍ କମିଟି ସଦସ୍ୟଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏଥିରେ ଯୋଗଦେଇ ବୁଥ୍‌କୁ ସଶକ୍ତ କରିବା ସହ ଲୋକଙ୍କ ବିଭିନ୍ନ ସମସ୍ୟା ଦୂର ପାଇଁ କାର୍ଯ୍ୟ କରିବା ପାଇଁ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ହିତାଧିକାରୀଙ୍କ ସହ ଯୋଗାଯୋଗ ରଖି ଯୋଜନାରୁ କେହି ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ କହିଥିଲେ।




ସମାବେଶରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସହ ଦଳୀୟ ନେତା।

ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଅଭିମନ୍ୟୁ ସେଠୀ, ସିପ୍ରା ବାଜପେୟୀ, ଜିଲା ସଭାପତି ହେମନ୍ତ ପାଢୀ, ଲୋକସଭା ସଂଯୋଜକ ଈଶ୍ୱର ବେହେରା, ବିଧାନସଭା ସଂଯୋଜକ ପ୍ରକାଶ ମହାପାତ୍ର, ଲୋକସଭା ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ, ଜିଲା ଉପସଭାପତି ଜଗବନ୍ଧୁ ଦାସଙ୍କ ସମେତ ଜିଲା ଓ ମଣ୍ଡଳର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କ ସହ ଦଳର ଆଗାମୀ କାର୍ଯ୍ୟକ୍ରମ ଓ ସାଙ୍ଗଠନିକ ଗତିବିଧି ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଶକ୍ତିକେନ୍ଦ୍ର ପ୍ରମୁଖ ପୂର୍ଣ୍ଣଚନ୍ଦ୍ର ଖିଲାର, ମଣ୍ଡଳ ସଭାପତି ଗିରିଶ ସାମଲ, ବୁଥ୍ ସଭାପତି ଚିତ୍ତରଞ୍ଜନ ସାମଲ, ଯୁବନେତା ସୁରେଶ ସାମଲ, ଶକୁନ୍ତଳା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ୧୯୯୦ ବ୍ୟାଚର ବନ୍ଧୁମିଳନ



ପୁରାତନ ଛାତ୍ରମାନଙ୍କ ତରଫରୁ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୧୧।୨(ଡି.ଏନ.ଏ.)

ଖଇରା ବ୍ଲକ ଅଧୀନ ବର୍ତ୍ତନା ହାଇସ୍କୁଲ ପ୍ରାଙ୍ଗଣରେ ବୁଧବାର ୧୯୯୦ ବ୍ୟାଚ୍‌ର ଏକ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଘୁନାଥ ନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଚଳିତ ବର୍ଷର ମାଟ୍ରିକ ଟପ୍ପର ଜ୍ୟୋତି ରଞ୍ଜନ ପଣ୍ଡାଙ୍କୁ ମାନପତ୍ର ଓ ରୌପ୍ୟ ପଦକ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିବ୍ୟାଚ୍‌ର ସଭାପତି ପ୍ରଭାତ ପାଣିଗ୍ରାହୀ ଯୋଗଦେଇ ପ୍ରତିବର୍ଷ ଏହି ପରମ୍ପରା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦିକା ବିଦ୍ୟୁତ ପ୍ରଭା ରାଉତ, ସଂଯୋଜକ ଭବାନନ୍ଦ ଦାସ, ବିନୋଦ ସ୍ୱାଇଁ, ଜ୍ୟୋତି ପ୍ରକାଶ ପ୍ରଧାନ, ଜିତୁ ପଟ୍ଟନାୟକ, ଗଜେନ୍ଦ୍ର ମହାନ୍ତି, ଦୁନିଆ ମହାନ୍ତି, ଅଖିଆ ଦାସ, ରାମ ବିନ୍ଧାଣି ସମେତ ଅନ୍ୟ ସଭ୍ୟ ମାନେ ଉପସ୍ଥିତ ଥିଲେ। ମୋ ସ୍କୁଲ ଅଭିଯାନରେ ଏହିବ୍ୟାଚ୍‌ରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମାର୍ଚ୍ଚ ମାସ ସୁଦ୍ଧା ଏକ ଲାଇବ୍ରେରୀ ଉଦ୍‌ଘାଟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ଧାମନଗର ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଧାମନଗର,୧୧।୨(ଡି.ଏନ.ଏ.)

ଧାମନଗର ମହାବିଦ୍ୟାଳୟର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ମୁଖ୍ୟବକ୍ତା କବି ପ୍ରଶାନ୍ତ ଦାସ ଓ ଅନ୍ୟତମ ଅତିଥି ଭାବେ ଗୀତିକାର ତଥା କବି ପଞ୍ଚାନନ ନାୟକ ଯୋଗଦେଇଥିଲେ। ଛାତ୍ରସଂସଦ ଉପଦେଷ୍ଟା ଡ. ବନମାଳୀ ଦାଶ ସ୍ୱାଗତ ଭାଷଣ ଓ ଯୁକ୍ତ ୨ ସାଂସ୍କୃତିକ ସଂସଦ ଉପସଭାପତି ପ୍ରାଧ୍ୟାପକ ବିନାୟକ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଯୋଜନା କରିଥିଲେ ଅଧ୍ୟାପିକା ବାସ୍ତବିକା ଦାସ ଓ କଲ୍ୟାଣୀ ଦାଶ। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାମ, ଗୀତିକାର ପଞ୍ଚାନନ ନାୟକ, ଅଭିନେତା ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, କଣ୍ଠଶିଳ୍ପୀ ପ୍ରକାଶ ଚନ୍ଦ୍ର ମହାପାତ୍ର ଓ ଚକ୍ରଧର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ଅଜୟ ବେଜ, ପ୍ରଦୀପ ରାୟ, ଅଧ୍ୟାପିକା ସ୍ମରଣିକା ପ୍ରଧାନ, ସାଜିଆ ତମକୀନ ଓ ଆଦ୍ୟାରଶ୍ମି ମିଶ୍ର ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ଆଶିଷ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସଞ୍ଜୟ ପଣ୍ଡା, ଡ. ଦେବାଶିଷ ମଲ୍ଲିକ, ଡ. ପ୍ରଶାନ୍ତ ପରିଡ଼ା, ଡ. ମନୋଜ କର, ସରୋଜ ପଣ୍ଡା, ଅଞ୍ଜନ ନାୟକ, ଜିଜ୍ଞାସୁ ଦାଶ ପ୍ରମୁଖ ସହାୟତା କରିଥିଲେ। କବି କିଶୋର ପାଣିଗ୍ରାହୀ, କୃତିବାସ ମିଶ୍ର, ଖବରଦାତା ଦେବେନ୍ଦ୍ର ଆଦିଆ, ଭାରପ୍ରାପ୍ତ ଥାନା ଅଧିକାରୀ ବନମାଳୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।




ଉତ୍ସବରେ ସମ୍ବର୍ଦ୍ଧନା ଦିଆଯାଉଛି।

# ଲୋକସଂସ୍କୃତି ଅଧ୍ୟୟନର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ

ବାଲେଶ୍ୱର ଅଫିସ, ୧୧।୨

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ଗୁଣବତ୍ତାର ମାନବୃଦ୍ଧି ନିମନ୍ତେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଓ ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ ‘ଓଡ଼ିଆ ଲୋକସଂସ୍କୃତି ଓ ଲୋକସାହିତ୍ୟ’ ଶୀର୍ଷକ ପଞ୍ଚଦିବସୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି।

ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆଇଡ଼ିପି, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ଓ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ଉଦ୍ୟମ ଓ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଲୋକସଂସ୍କୃତି ଓ ଲୋକସାହିତ୍ୟ ବ୍ୟବହାରିକ ବିଦ୍ୟା ଏବଂ ସାହିତ୍ୟ ସମେତ ସମାଜବିଜ୍ଞାନ, ନୃତତ୍ତ୍ୱ, ଜନସଂଖ୍ୟା ଅଧ୍ୟୟନ ବିଭାଗ, ମନସ୍ତତ୍ତ୍ୱ ଆଦି ବିଭିନ୍ନ ବିଷୟରେ ଲୋକସଂସ୍କୃତିର ବୈଜ୍ଞାନିକ ଅନୁଶୀଳନ କରାଯାଉଥିବା



ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ କୁଳପତି ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ହେତୁ ଏହାର ପ୍ରାସଙ୍ଗିକତାକୁ ଅସ୍ୱୀକାର କରାଯାଇପାରିବ ନାହିଁ ବୋଲି ପ୍ରକାଶ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଗବେଷଣାତ୍ମକ ଦୃଷ୍ଟିଭଙ୍ଗିରୁ ଲୋକସଂସ୍କୃତି ଅଧ୍ୟୟନର ବିଭିନ୍ନ ଦିଗ ସମ୍ପର୍କରେ ବହୁତଥ୍ୟ ଆଲୋଚିତ ହୋଇଥିବାରୁ ଅଂଶଗ୍ରହଣକାରୀ ଶିକ୍ଷକମାନେ ନିଶ୍ଚିତ ଭାବେ ଉପକୃତ ହୋଇଛନ୍ତି ବୋଲି ଆଶାବ୍ୟକ୍ତ କରିଥିଲେ। ଆଇଡ଼ିପି ସଂଯୋଜକ ଡ. ପଦ୍ମଲିତା ରାଉତ ଏହି କାର୍ଯ୍ୟକ୍ରମ ଆୟୋଜନ ଜରିଆରେ ଶୈକ୍ଷିକ ଆଦାନ ପ୍ରଦାନ ପରମ୍ପରାକୁ ମୂଲ୍ୟବୋଧଭିତ୍ତିକ କରିବା ଆଇଡ଼ିପିର ମହତ୍ ଉଦ୍ଦେଶ୍ୟ ରହିଛି ବୋଲି ପ୍ରକାଶ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ର, ଓଡ଼ିଶାର ବିଶିଷ୍ଟ ଲୋକତତ୍ତ୍ୱବିଦ୍ ପ୍ରଫେସର କୈଳାସ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମର ପ୍ରାସଙ୍ଗିକତା ସମ୍ପର୍କରେ ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ଦେବାଶିଷ ପାତ୍ର ଲୋକସଂସ୍କୃତି ଆମ ପରମ୍ପରାଗତ ଜ୍ଞାନର ଏକ ସଙ୍ଗଠିତ ରୂପ ଏବଂ ଲୋକସାହିତ୍ୟ ଏହି ଜ୍ଞାନ ଅନୁସାରୀ ଏକ ମନବୈଜ୍ଞାନିକ ଅଭିବ୍ୟକ୍ତି ବୋଲି ମତ ଦେଇଥିଲେ ଏବଂ ଏ ବିଷୟରେ ନିରନ୍ତର ଅଧ୍ୟୟନ ମଣିଷକୁ ସଭ୍ୟ ଓ ସମର୍ଥ କରିଥାଏ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରୁ ପ୍ରାୟ ୩୫ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରଶିକ୍ଷଣକାରୀ ରୂପେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଅଧିବେଶନ ଅବସରରେ ନିଜର ଅନୁଭୂତି ବ୍ୟକ୍ତ କରି ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଯୁଗୀୟ ବୈଶିଷ୍ଟ୍ୟ ଅନୁସାରେ ବେଶ୍ ସମୃଦ୍ଧ ଓ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା ବ୍ୟବସ୍ଥା ଅତି ଉଚ୍ଚକୋଟିର ବୋଲି ମତ ଦେଇଥିଲେ। ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା କର୍ମଶାଳାରେ ପ୍ରଫେସର ନାରାୟଣ ସାହୁ, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫେସର କୈଳାଶ ପଟ୍ଟନାୟକ, ପ୍ରଫେସର ମହେନ୍ଦ୍ର କୁମାର ମିଶ୍ର, ପ୍ରଫେସର ପ୍ରକାଶ ପଟ୍ଟନାୟକ, ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଅଧ୍ୟାପକ ଡ. ରଶ୍ମିରଞ୍ଜନ ବେହେରା, ଡ. ଦେବାଶିଷ ପାତ୍ର ପ୍ରମୁଖ ବିଷୟ ବିଶାରଦ ରୂପେ ଯୋଗଦେଇ ଲୋକସଂସ୍କୃତି ସମ୍ପର୍କରେ ବ୍ୟାଖ୍ୟା ବିଶ୍ଳେଷଣ କରିଥିଲେ।

## ୨ ଟନ୍ ଚୋରା କୋଇଲା ଜବତ

ପଦ୍ମପୁର,(ଡି.ଏନ.ଏ.)-ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ପୋଲିସ ବାଲିବିଲଠାରୁ ଶନିବାର ଭୋର ସମୟରେ ଏକ ଚୋରା କୋଇଲା ବୋଝେଇ ଗାଡ଼ି ଜବତ କରିଛି। କୋଇଲା ଚୋରା ଚାଲାଣ ହେଉଥିବା ଖବରପାଇ ଥାନାଧିକାରୀ ଶୋଭେନ ସ୍ୱାଇଁ, କନଷ୍ଟେବଲ ରାଜେନ୍ଦ୍ର ସାହୁ ଓ ବିନୋଦ ପୃଷ୍ଟି ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଉକ୍ତ ଗାଡ଼ିରୁ ୨ ଟନ୍ କୋଇଲା ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୨୨/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ତିଲକା ମାଝୀଙ୍କ ଜୟନ୍ତୀ

ଠାକୁରମୁଣ୍ଡା,୧୧।୨(ଡି.ଏନ.ଏ): ମୟୂରଭଞ୍ଜ ତରାମରା ପଞ୍ଚାୟତ ଗୋବରଯୋଡ଼ା ଛକରେ ଶନିବାର ସ୍ୱାଧୀନତା ସଂଗ୍ରାମୀ ତିଲକା ମାଝୀଙ୍କ ୨୭୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରାମ ଦେହୁରୀ ଗ୍ରାମାଦେବୀଙ୍କ ସହ ତିଲକା ମାଝୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ସୁଦାମ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଦୁରାମ ସୋରେନ, ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣା ସୋରେନ, ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର ନାଥ ମୁର୍ମୁ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ।

### ରନ୍ଧା ମଦ ଜବତ, ୫ ଗିରଫ

ଭଦ୍ରକ ଅଫିସ, ୧୧।୨- ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ବଳ ଓ ଷ୍ଟାଫ୍‌ମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଗ୍ରାମାଞ୍ଚଳ ଥାନା ଅଧୀନ ରାଣୀତାଲ, ଦୁର୍ଗାପୁର, ଜଗଦଳପୁର, ରମ୍ଭିଲା ଓ ବାଘମରା ଅଞ୍ଚଳରେ ଚଢ଼ାଉ କରିଛି। ୧୯୦ ଲିଟର ଦେଶୀ ରନ୍ଧା ମଦ ଜବତ ସହ ୫ଜଣଙ୍କୁ ଗିରଫ କରିଛି ଏହି ଟିମ୍। ଗିରଫ ୫ଜଣ ହେଲେ ରମ୍ଭିଲା ଗ୍ରାମର ଶରତ ମହାପାତ୍ର, ସଞ୍ଜୁ ସିଂ, ଦଣ୍ଡପାଣି ସିଂ, ଦୁର୍ଗାପୁରର ଚୁମୁକି ସିଂ ଓ ସୁମନ୍ତ ସିଂ। ଜବତ ମଦର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏଏସ୍‌ଆଇ ପ୍ରହ୍ଲାଦ ସାମଲ, ପୁରୁଷୋତ୍ତମ ମଲ୍ଲିକ, କନଷ୍ଟେବଲ ଅଜିତ କୁମାର ସିଙ୍କୁ, ରମେଶ ନାୟକ, ଅନବାଦିତ୍ୟ ବାରିକ, ଜେମାମଣି ଜାମୁଡା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଏନେଇ ଭଦ୍ରକ ଅବକାରୀ ଥାନା ପକ୍ଷରୁ ୫ଟି ମାମଲା ରୁଜୁ କରାଯାଇଛି।

### ଭାଜପା ପକ୍ଷରୁ ସମର୍ପଣ ଦିବସ

ରୂପସା, ୧୧।୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ଭାଜପା ପକ୍ଷରୁ ଶନିବାର ବସ୍ତା ଭାଜପା କାର୍ଯ୍ୟାଳୟ ପରିସରରେ ସମର୍ପଣ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏମପି ପ୍ରତିନିଧି ପ୍ରଦୀପ ପଣ୍ଡା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର ଜୈନ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ସୂର୍ଯ୍ୟ ନାରାୟଣ ସାହୁ, ମଣ୍ଡଳ ଉପସଭାପତି ରବୀନ୍ଦ୍ର ଦାସ, ପ୍ରକାଶ କୁଣ୍ଡୁ, ସମ୍ପାଦକ ଅଭିରାମ ମଲ୍ଲିକ, ଦୀନକୃଷ୍ଣ ବେହେରା, ଅବସରପ୍ରାପ୍ତ ଏଏସ୍‌ପି ଅସିତ୍ ମହାନ୍ତି, ମଣ୍ଡଳ ପ୍ରଭାରୀ କୃଷ୍ଣ ଚନ୍ଦ୍ର ଦତ୍ତ, ମିଡ଼ିଆ ସଂଯୋଜକ ଦିବାକର ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସହ ସମ୍ପାଦକ ପାଞ୍ଚାଳୀ ଚୌଧୁରୀ, ଦିପା ଷଡ଼ଙ୍ଗୀ, ସରସ୍ୱତୀ ମହାନ୍ତି, ଆଇନଜୀବୀ ପରେଶ୍ ବେହେରା , ସୁବ୍ରତ ଦାସ, ବେଣୁଧର ପରିଡ଼ା, ମନୋଜ ବେହେରା, ଉତ୍ତମ ଜେନା, ଭାଜପା ଯୁବମୋର୍ଚ୍ଚା ସଭାପତି ଧୀରେନ ସେଠୀ, ବିନୟକେତନ ଜେନା, ନଗେନ୍ଦ୍ର ଜେନା, ପ୍ରସନ୍ନ ପଣ୍ଡାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏବଂ ମା' ଭାରତୀଙ୍କ ଫଟୋ ଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବାଲି ଚୋରାଚାଲାଣ ରୋକିବାକୁ ଲୋକେ ଏକାଠି

ଉଦଳା,୧୧।୨(ଡି.ଏନ.ଏ)


ବାଲିଘାଟରେ ଲୋକେ ଏକାଠି ହୋଇଛନ୍ତି।

ମୟୂରଭଞ୍ଜ ଜିଲା ଉଦଳା ତହସିଲ ଅଧୀନ ଜାଲଦା ବାଲିଘାଟରୁ ବେଆଇନ ବାଲିଚାଲାଣ ବେଳେ ୫ ଟ୍ରାକ୍ଟରକୁ ଗ୍ରାମବାସୀ ଅଟକ ରଖିଥିଲେ। ଯାହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଯାଇଥିଲା। ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଟ୍ରାକ୍ଟର ଜବତ କରି ତଦନ୍ତ କରୁଛି। ଜାଲଦା ବାଲିଘାଟରେ ଲିଜ ଏରିଆ ବାହାରେ ବାଲି ଚାଲାଣକାରୀ ଦୀର୍ଘ ଦିନ ହେବ ବାଲିଉଠାଣ କରି ଆସୁଛନ୍ତି। ବେଆଇନ ଭାବେ ଶହରୁ ଊର୍ଦ୍ଧ୍ୱ ଟ୍ରିପ୍ ବାଲି ପ୍ରତିଦିନ ଗ୍ରାମ ରାସ୍ତାରେ ଯାଉଥିବାରୁ ରାସ୍ତା ଖରାପ ହେଉଛି। ଏଥି ସହିତ ବେଆଇନ ବାଲି ଉତ୍ତୋଳନ ଫଳରେ ନଦୀର ଗତିପଥ ବଦଳି ଗ୍ରାମ ଆଡ଼କୁ ମାଡ଼ି ଆସୁଛି। ଯାହାକୁ ନେଇ ଗ୍ରାମବାସୀ ଉଦଳା ତହସିଲଦାର ଓ ଉପଜିଲାପାଳଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ। ବାଲି ଚୋରାଚାଲାଣ ରୋକିବାରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଯାହାକୁ ନେଇ ଗ୍ରାମର ମହିଳା ପୁରୁଷ ଏକତ୍ରିତ ହୋଇ ବେଆଇନ ବାଲି ଉଠାଣ କରି ବାହାରୁଥିବା ୫ ଟ୍ରାକ୍ଟରକୁ ନଦୀ ପଠାରେ ଅଟକ ରଖିଥିଲେ। ଏନେଇ ଟ୍ରାକ୍ଟର ଚାଳକ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଦୀର୍ଘ ୪ ଘଣ୍ଟା ପରେ ଉଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ଟ୍ରାକ୍ଟରକୁ ଅଟକାଇଲେ, ଚାପା ଉତ୍ତେଜନା

# ନଦୀ ସଂଯୋଗ ରାସ୍ତା ଖୋଲିଲା ପ୍ରଶାସନ


ନଦୀ ସଂଯୋଗ ରାସ୍ତା ଖୋଳାଯାଉଛି।

ପାଟଣା,୧୧।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ନଦୀରୁ ଚୋରା ବାଲିଚାଲାଣରେ ରୋକ ଲଗାଇବାକୁ ପ୍ରଶାସନ ପକ୍ଷରୁ ନଦୀକୁ ସଂଯୋଗ କରୁଥିବା ରାସ୍ତାରେ ଟ୍ରେଞ୍ଚ ଖୋଳାଯାଇଛି। କଞ୍ଜାରି ନଦୀ ଗର୍ଭ, ବୈତରଣୀ ନଦୀ ଅଙ୍କୁରା ନଦୀ ପଠା ଓ ବୈତରଣୀ ନଦୀର ଝାପା ସାହିରେ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ, ସୁପର ଭାଇଜର ବନମାଳୀ ନାଏକ ଓ ଟାଙ୍ଗରପଡ଼ା ଆରଆଇ ସତ୍ୟବ୍ରତ ସାହୁଙ୍କ ଉପସ୍ଥିତିରେ ୩ ସ୍ଥାନରେ ଟ୍ରେଞ୍ଚ ଖୋଳାଯାଇଛି। ଅନ୍ୟପକ୍ଷେ ଚୋରି ହେଉଥିବା ବାଲି ଉତ୍ସ ଗୁଡ଼ିକରେ ୧୪୪ ଧାରା ଲଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଧରିତ୍ରୀ ପ୍ରଭାବ

ନଦୀ ଗର୍ଭରେ କୃତ୍ରିମ ରାସ୍ତା କରି ବେଧଡ଼କ ବାଲି ଚୋରାଚାଲାଣ ଶୀର୍ଷକ ଖବର ଧରିତ୍ରୀରେ ଶୁକ୍ରବାର ପ୍ରକାଶ ପାଇଥିଲା। ପରେ ଶନିବାର ରାଜସ୍ୱ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ପାଟଣା ତହସିଲ ଟାଙ୍ଗରପଡ଼ା ଆରଆଇ ସର୍କଲ ଅନ୍ତର୍ଗତ କଞ୍ଜାରି ନଦୀର ଅଙ୍କୁରାଘାଟରେ ଗତ କିଛି ମାସ ହେବ ମଧ୍ୟରାତ୍ରରେ ପୋକଲିନ ମେସିନ ଯୋଗେ ବାଲି ଉତ୍ତୋଳନ ହୋଇ ଚୋରାଚାଲାଣ ହେଉଥିଲା। ଏନେଇ ନଦୀ ଗର୍ଭରେ ଏକ କୃତ୍ରିମ ରାସ୍ତା ମଧ୍ୟ ନିର୍ମାଣ କରାଯାଇଥିଲା।

# ଆନ୍ଦୋଳନ ଲାଗି ଅମଲା ସଂଘର ଚେତାବନୀ


ବୈଠକରେ ଓଡ଼ିଶା ଅମଲା ସଂଘ ବାଲେଶ୍ୱର ଶାଖାର କର୍ମକର୍ତ୍ତା।

ବାଲେଶ୍ୱର ଅଫିସ, ୧୧।୨

ବାଲେଶ୍ୱର ଅମଲା ଭବନଠାରେ ଶନିବାର ଓଡ଼ିଶା ଅମଲା ସଂଘ ବାଲେଶ୍ୱର ଶାଖା ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବର୍ଷ ବର୍ଷ ଧରି ଜିଲାସ୍ତରୀୟ ଅମଲାମାନେ ତୃଣମୂଳସ୍ତରରେ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ଲାଗି କାର୍ଯ୍ୟ କରିଆସୁଛନ୍ତି। ସଂଘ ପକ୍ଷରୁ ହୋଇଆସୁଥିବା ଏକମାତ୍ର ଦାବି 'ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଆଧାରରେ ଦରମାରେ ୪୨୦୦ ଟଙ୍କା ଗ୍ରେଡ୍ ପେ ପ୍ରଦାନ କରିବାକୁ ଓଡ଼ିଶା ସରକାର ଅଣଦେଖା କରିବା ସହିତ ଜିଲାସ୍ତରୀୟ ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଆସୁଛନ୍ତି। ଏଥିଯୋଗୁ ଉପେକ୍ଷିତ ଅମଲାମାନେ ପୂର୍ବରୁ ଭୁବନେଶ୍ୱର ରାଜରାସ୍ତାରେ ସରକାରଙ୍କୁ ଏକପ୍ରକାର ଶକ୍ତି ପ୍ରଦର୍ଶନ କରାଇଥିଲେ। ସରକାର ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ସାରା ରାଜ୍ୟରେ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହିତ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ତଥା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଆଦି କାର୍ଯ୍ୟକ୍ରମ ସଂଘ ହାତକୁ ନେବାକୁ ଯାଉଛି ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଆସନ୍ତା ୧୯ରେ ଅମଲାଭବନଠାରେ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହେବା ସହ ସଂଘ ପକ୍ଷରୁ ସମସ୍ତ କାର୍ଯ୍ୟପନ୍ଥା ସ୍ପଷ୍ଟ କରାଯିବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଶା ଅମଲା ସଂଘ ବାଲେଶ୍ୱର ଶାଖା ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ସଭା ପରିଚାଳନା କରିଥିବା ବେଳେ ରାଜ୍ୟସ୍ତରୀୟ ନେତା ସତ୍ୟରଞ୍ଜନ ତ୍ରିପାଠୀ, ରଜନୀକାନ୍ତ ପଣ୍ଡା, ପ୍ରମୋଦ କୁମାର ପେଡ଼ି, ଜିଲା ଆକ୍ସନ୍ କାଉନ୍‌ସେଲିଂ ଚେୟାରମ୍ୟାନ୍ ପ୍ରଦୀପ କୁମାର ଦାଶ, ସାଙ୍ଗଠନିକ ସମ୍ପାଦକ ବିଦ୍ୟାଧର ମଲ୍ଲିକ, ଅଶୋକ କୁମାର ଦାସ, ଶୁଭଙ୍କର ସତ୍ୟବ୍ରତ ଜେନା, ସୁସ୍ମିତା ବାରିକ, ନମିତା ମାଝି, ମୁନିମଣି ସୋରେନ୍, ଅନୀଲ ବିଶ୍ୱାଳ, ଦୁଷ୍ମନ୍ତ ଦଳେଇ, ପ୍ରଦୀପ ରଥ, ଜଗତ ରଞ୍ଜନ ଜେନା, ନିଗମ ନିକୁଞ୍ଜ ସେଠୀ ତଥା ଜିଲାର ସମସ୍ତ ବ୍ଲକ୍‌ର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଟ୍ରକ୍ ଚାଳକଙ୍କୁ ଆକ୍ରମଣ କରି ଲୁଟ୍ ଅଭିଯୋଗ

### ଟଙ୍କା ଜବତ, ୨ ଭାଇ ଗିରଫ

ବଡ଼ବିଲ,୧୧।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ନାଲଦାଠାରେ ଟ୍ରକ ଚାଳକଙ୍କୁ ଆକ୍ରମଣ କରି ଲୁଟ୍ ଅଭିଯୋଗରେ ପୋଲିସ ଦୁଇ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ବଡ଼ବିଲ ବରକତ ନଗର ୱାର୍ଡ ନଂ– ୮ ଅଞ୍ଚଳରେ ରହୁଥିବା ଏମଡ଼ି ଲାଡେନ ଏବଂ ଏମଡ଼ି ତୌଫିକ। ନାଲଦା ଅଞ୍ଚଳରେ ରହୁଥିବା ଲଳିତ ରାଓଙ୍କ ଓଆର ୦୯ ପି ୭୨୫୧ ଏବଂ ଓଡି ୧୫ ବି ୦୦୯୦ ନମ୍ବର ବିଶିଷ୍ଟ ଦୁଇ ଟ୍ରକ ରହିଛି। ଆସିଫ ଖାନ ଓ ଛୋଟେଲାଲ ମୁଖାର୍ଜୀ ଚାଳକ ଭାବେ କାର୍ଯ୍ୟ କରନ୍ତି। ଗତ ଗୁରୁବାର ଆସିଫଙ୍କଠାରୁ ତୌଫିକ ମୋବାଇଲ ଉଦ୍ଧାର ସୂତ୍ରରେ ନେଇଥିଲେ। ଶୁକ୍ରବାର ଆସିଫ ମୋବାଇଲ ମାଗିବାରୁ ତୌଫିକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଭାଇ ଲାଡେନଙ୍କ ସହ ମିଶି ଆସିଫ ଓ ଛୋଟେଲାଲଙ୍କୁ ଆକ୍ରମଣ କରି ୨ ହଜାର ୫ ଶହ ଟଙ୍କା ନେଇଯାଇଥିଲେ। ଏ ନେଇ ଟ୍ରକ୍ ମାଲିକ ଲଳିତ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବଡ଼ବିଲ ପୋଲିସ (ନଂ ୩୮/୨୩)ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୧ହଜାର ୫ଶହ ଟଙ୍କା ଜବତ କରିଥିବା ଜଣାପଡ଼ିଛି।

# ୧୦ କୋଟିରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ



କେନ୍ଦୁଝର,୧୧।୨(ଡି.ଏନ୍.ଏ)

### ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦୁଝର ଜିଲାରେ ଜିଲା ଜଜ୍ କୋର୍ଟ ସମେତ ଅତିରିକ୍ତ ଜିଲା ଜଜ୍ କୋର୍ଟ ଆନନ୍ଦପୁର, ଚମ୍ପୁଆ, ପ୍ରଥମ ଶ୍ରେଣୀ କନିଷ୍ଠ ବିଚାରପତି କୋର୍ଟ ହାଟଡ଼ିହୀ, ତେଲକୋଇ, ବଡ଼ବିଲ ଗୁଡ଼ିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ସୌଜନ୍ୟରୁ ଅନୁଷ୍ଠିତ ଅଦାଲତରେ ଜିଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କୋର୍ଟର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାକ୍ ମକଦ୍ଦମା ୧୫୭ ଗୋଟିରୁ ୧ କୋଟି ୫ ଲକ୍ଷ ୬୮ ହଜାର ୫୨୯ ଟଙ୍କା, ସ୍ଥାୟୀ ଲୋକ ଅଦାଲତର ଜନ ଉପଯୋଗିତା ମକଦ୍ଦମା ୪୧ ଗୋଟି, ଟେଲିଫୋନ୍(ବିଏସ୍‌ଏନ୍‌ଏଲ) ୩୨ ଗୋଟି ୩୫ ହଜାର ୭୬୯ ଟଙ୍କା, ମଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ୪୩ ଟିରୁ ୨କୋଟି ୮୨ ଲକ୍ଷ ୪୫ ହଜାର ଟଙ୍କା, ପରିବାର ଅଦାଲତର ୯ଟି ସମାଧାନ, ଦେୱାନୀ ମକଦ୍ଦମା ସମାଧାନ ୮୩ ଟିରୁ ୫କୋଟି ୪୬ଲକ୍ଷ ୩୫ହଜାର ୭୩୮ ଟଙ୍କା, ଫୌଜଦାରୀ ମକଦ୍ଦମା ୧୧୭ଟିରୁ ୭୭ ଲକ୍ଷ ୫୨ହଜାର ୩୨୨ ଟଙ୍କା, ତହସିଲ ରାଜସ୍ୱ ୬୩୦୩ ଟି ମକଦ୍ଦମାର ୩୨ଲକ୍ଷ ୫୮ ହଜାର ୪୨୬ ଟଙ୍କା ଆଦାୟ ହୋଇଥିଲା। ରାଷ୍ଟ୍ରୀୟ ଲୋକ ଅଦାଲତ ମାଧ୍ୟମରେ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇଥାଏ ବୋଲି ସଚିବ ମାମୀ ବେହେରା କହିଥିଲେ। ଜିଲା କୋର୍ଟ ପରିସରରେ ସ୍ୱତନ୍ତ୍ର ବିଚାରପତି, ଦୁର୍ନୀତି ନିବାରଣ ରଶ୍ମିତା ଦଳାଇ, ପରିବାର ଅଦାଲତ ବିଚାରପତି ବିଜୟ ପାତ୍ର, ସ୍ଥାୟୀ ଲୋକ ଅଦାଲତ ବିଚାରପତି ବିଜୟ ମିଶ୍ର, ଅତିରିକ୍ତ ଜିଲା ଜଜ୍(ପୋକ୍ସ) ଶୁଭଶ୍ରୀ ତ୍ରିପାଠୀ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ମହିଳା କୋର୍ଟ ବରିଷ୍ଠ ଦେୱାନୀ ଜଜ୍ ପତଞ୍ଜଳୀ ସାହୁ, ଉପଖଣ୍ଡୀୟ ବିଚାରପତି ଶରତ ଚନ୍ଦ୍ର ସାହୁ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ସ୍ଥିତପ୍ରଜ୍ଞ ବିଶ୍ୱାଳ, ଦେବଜୟା ରଥ, ସଙ୍ଘମିତ୍ରା ଦ୍ୱିବେଦୀ ଯୋଗଦେଇ ନିଜ ନିଜ କୋର୍ଟର ମକଦ୍ଦମାକୁ ତୁଲାଇଥିଲେ। ପ୍ରାଧିକରଣ ସଚିବ ମାମୀ ବେହେରା ସମସ୍ତ କୋର୍ଟର ପରିଚାଳନା ଦାୟିତ୍ୱ ବହନ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୧୦୯୮ ମାମଲା ସମାଧାନ

ବାରିପଦା ଅଫିସ,୧୧।୨




ମୟୂରଭଞ୍ଜ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ବାରିପଦାସ୍ଥିତ ଜିଲା ଦୌରାଜଜ୍‌ଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୦୮୫ ମାମଲା ମଧ୍ୟରୁ ୧୦୯୮ଟିର ବିଚାର କରାଯାଇ ୨ କୋଟି ୬୫ ଲକ୍ଷ ୧୪ ହଜାର ୧୨୮ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି। ପ୍ରାଧିକରଣ ସଚିବ ଶ୍ରୀମତୀ ଶିବାନୀଙ୍କ ତତ୍ତ୍ୱାବଧାନ ଏବଂ ଭାରପ୍ରାପ୍ତ ଜିଲା ଦୌରାଜଜ୍ ତଥା ଭାରପ୍ରାପ୍ତ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷା ସୁମିତା ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରି- ଲିଟିଗେଶନ ସମ୍ବନ୍ଧୀୟ ୫୮୯୭ଟି ମାମଲା ମଧ୍ୟରୁ ୫୬୭ଟି ବ୍ୟାଙ୍କ ଋଣ ଆଦାୟ ମାମଲା ଓ ୪ଟି ଅନ୍ୟାନ୍ୟ ବିବାଦୀୟ ଦେୱାନୀ ଏବଂ ଜମିଜମା ମାମଲାର ଫଇସଲା କରାଯାଇଛି। ମୋଟ ୧ କୋଟି ୫୯ ଲକ୍ଷ ୧୭ ହଜାର ୯୧ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୧୧୮୮ ମାମଲା ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ ମାମଲା ୫ଟି, ଏନ୍‌ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୭, ବ୍ୟାଙ୍କ ଋଣ ଆଦାୟ ୨୦, ମୋଟର ଯାନ ଦୁର୍ଘଟଣାଜନିତ ୯, ବୈବାହିକ ସମ୍ବନ୍ଧୀୟ ୮, ରାଜସ୍ୱ ମାମଲା ୩୦୧, ସିଭିଲ ମାମଲା ୩୮ ଓ ଅନ୍ୟାନ୍ୟ ଆପରାଧିକ ଫୌଜଦାରୀ ମାମଲା ୧୩୪ଟି ସମେତ ମୋଟ ୫୩୨ ମାମଲାର ଫଇସଲା ହୋଇଛି। ୧ କୋଟି ୬ ଲକ୍ଷ ୧୭ ହଜାର ୬୩୭ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ଫାମିଲି କୋର୍ଟ ଜଜ୍ ବିରଞ୍ଚି ନାରାୟଣ ମହାନ୍ତି, ଅତିରିକ୍ତ ଜିଲା ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ଦୀପକ ରଞ୍ଜନ ସାହୁ, ସିନିୟର ସିଭିଲ ଜଜ୍ (ଏଲଆର) ଦୀପା ଦାସ, ଅତିରିକ୍ତ ସିନିୟର ସିଭିଲ ଜଜ୍ ଅପୂର୍ବା ଚୌଧୁରୀ, ସିନିୟର ସିଭିଲ ଜଜ୍ ପଲ୍ଲବୀ ରାଣୀ ସାହୁ, ଦ୍ୱିତୀୟ ସିଭିଲ ଜଜ୍ ଦେବଶ୍ରୀ ସାହୁ, ଏସ୍‌ଡିଜେଏମ୍ ବିଶ୍ୱକଳ୍ପିତା ମହାନ୍ତି, ଜେଏମ୍‌ଏଫ୍‌ସି ଜଜ୍ ଜରିନ ଖାନ, ଜେଏମ୍‌ଏସ୍‌ସି କୋର୍ଟ ଜଜ୍ ମନ୍ଦିରା ମହାନ୍ତଙ୍କ ସହ ସିଭିଲ କୋର୍ଟ ରେଜିଷ୍ଟ୍ରାର ଆଶିଷ କୁମାର ପରିଛା, ମାଜିଷ୍ଟ୍ରେଟ, ଆଇନଜୀବୀ, ବ୍ୟାଙ୍କ ଅଧିକାରୀ, ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# 'ସାହିତ୍ୟ ସୁରକ୍ଷା କ୍ଷେତ୍ରରେ ପାଲାର ବଳିଷ୍ଠ ଭୂମିକା ରହିଛି'

### ବାସୁଦେବପୁର ପାଲା ମହୋତ୍ସବ ଉଦ୍‌ଘାଟିତ

ବାସୁଦେବପୁର,୧୧।୨(ଡି.ଏନ.ଏ.)


କଳାକାରମାନେ ଅତିଥିଙ୍କୁ ଶୋଭାଯାତ୍ରାରେ ନେଉଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ନୀଳମଣି ଟାଉନହଲ୍‌ଠାରେ ସାହିତ୍ୟ ପତ୍ରିକା ଅବସର ଆନୁକୂଲ୍ୟରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ୭ମ ବାର୍ଷିକ ବାସୁଦେବପୁର ପାଲା ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପାଲା ହେଉଛି ଏକ ବିଦଗ୍ଧ ସାହିତ୍ୟ। ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା କ୍ଷେତ୍ରରେ ପାଲା ଏକ ବଳିଷ୍ଠ ଭୂମିକା ନେଇଛି। ପାଲା ଆମ ସଂସ୍କୃତିକୁ ସଂସ୍କାରିତ କରିଥାଏ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଗୀତିକାର ପୀତାମ୍ବର ମିଶ୍ର, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ ବାପୁଜୀ ନାୟକ ଏବଂ ମୁଖ୍ୟବକ୍ତା ଭାବେ ସଙ୍ଗୀତ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁବାସ ଚନ୍ଦ୍ର ମଲିକ ଯୋଗ ଦେଇଥିଲେ। ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ସଭାପତି ସନାତନ ପୁରୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ କପିଳନାଥ ଶର୍ମା ବିବରଣୀ ପାଠ କରିଥିଲେ। ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ବାରିକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ସାମାଜିକ କର୍ମୀ ଉଦୟ ଜେନା ସଂଯୋଜନା କରିଥିଲେ। ବରିଷ୍ଠ ପାଲାଗାୟକ ଅମୂଲ୍ୟରତ୍ନ ସାହୁଙ୍କ ପୁସ୍ତକ 'ଅଭିଶପ୍ତ ରାମଚନ୍ଦ୍ର' ଲୋକାର୍ପିତ ହୋଇଥିଲା। ଏହି ଅବସରରେ ୫ଶହରୁ ଊର୍ଦ୍ଧ୍ୱ କଳାକାର ମୁଖ୍ୟଅତିଥି ରାଉତରାୟଙ୍କୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଇ ଟାଉନହଲ୍‌ରେ ପହଞ୍ଚିଥିଲେ। ଗାୟିକା ସାବିତ୍ରୀ ମହାରଣା, ସନାତନ ପୁରୀ, ବାୟକ ବିଶ୍ୱନାଥ ନାୟକ ଓ ରାମଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିମନ୍ୟୁ ବେହେରା, ପ୍ରହ୍ଲାଦ ବାରିକ, ରତ୍ନାକର ପଣ୍ଡା, ସୁଧାଂଶୁ ମିଶ୍ର, ଧନେଶ୍ୱର ରାଉତ, ଶାନ୍ତିଲତା ପଣ୍ଡା, ପାର୍ଥସାରଥୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରିକୁ ଗଡ଼ିବ ଯାତ୍ରୀବାହୀ ଟ୍ରେନ୍

ନୀଳଗିରି, ୧୧।୨(ସ୍ୱ.ପ୍ର.)


ଗୋପୀନାଥପୁର ନୀଳଗିରି ଷ୍ଟେଶନ।

ନୀଳଗିରିବାସୀଙ୍କ ଦୀର୍ଘବର୍ଷର ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉଦ୍ୟମରେ ଏହା ବାସ୍ତବ ରୂପ ନେବାକୁ ଯାଉଛି। ଆଉ ଦିନ କେଇଟା ପରେ ନୀଳଗିରିକୁ ଚାଲିବ ଯାତ୍ରୀବାହୀ ଟ୍ରେନ। ଷ୍ଟେଶନଠାରୁ ରେଲଧାରଣା, ଅଫିସ୍‌ଠାରୁ ଷ୍ଟେଶନର ଉଭୟ ପାର୍ଶ୍ୱରେ ବିଦ୍ୟୁତୀକରଣ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ନୀଳଗିରିଠାରୁ ୩ କି.ମି. ଦୂର ଗୋପୀନାଥପୁର ଅଞ୍ଚଳ। ଦୀର୍ଘ ୭୦ବର୍ଷ ପୂର୍ବରୁ ବାଲେଶ୍ୱରରୁ ଏହି ଗୋପୀନାଥପୁରକୁ ଟ୍ରେନଲାଇନ ପଡ଼ିରହିଥିଲା। ହେଲେ ଏଠାରେ ସମସ୍ତ ଭିତ୍ତିଭୂମି ଥିବାରୁ ଅଞ୍ଚଳବାସୀ ଏକ ପାସେଞ୍ଜର ଟ୍ରେନ ଚାଲିଲେ ଖାଲି ନୀଳଗିରି ନୁହେଁ ମୟୂରଭଞ୍ଜ ଜିଲାବାସୀ ଉପକୃତ ହେବେ ବୋଲି ପୂର୍ବତନ ୨ଜଣ ଏମ୍‌ପି ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ଟ୍ରେନ୍ ଚଳାଚଳ ନେଇ କୌଣସି ପଦକ୍ଷେପ ତତ୍କାଳୀନ ସରକାର ନେଇ ନ ଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ନିର୍ବାଚିତ ପରେ ପାସେଞ୍ଜର ଟ୍ରେନ ଚଳାଇବାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ନୀଳଗିରିବାସୀଙ୍କ ସ୍ୱାର୍ଥକୁ ଦେଖି ଏମ୍‌ପି ଷଡ଼ଙ୍ଗୀ ତତ୍କାଳୀନ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଭେଟି ଦାବି ରଖିଥିଲେ। ହେଲେ ମନ୍ତ୍ରୀମଣ୍ଡଳ ପରିବର୍ତ୍ତନ ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦାୟିତ୍ୱ ନେବା ପରେ ଏମ୍‌ପି ଷଡ଼ଙ୍ଗୀ ମଧ୍ୟ ଉକ୍ତ ଦାବିକୁ ଦୋହରାଇଥିଲେ। ଏହି ବିଷୟକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁତ୍ୱର ସହ ନେଇଥିଲେ। ଉକ୍ତ ବିଷୟ ଶୁଣିଲା ପରେ ରେଳମନ୍ତ୍ରୀ ବୈଷ୍ଣବ ଏ ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମୋଦିଜୀ ତୁରନ୍ତ ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ସବୁଜ ସଂକେତ ଦେଇଥିଲେ। ପରେ ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ରେଳ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଆସିବା ପରେ ସ୍ଥାନୀୟ ଏମ୍‌ପି ଏବଂ ବିଧାୟକଙ୍କ ଉପସ୍ଥିତିରେ ଏହାର ଶିଳାନ୍ୟାସ କରିଥିଲେ। ସେହିଦିନଠାରୁ ଏହି ନୂତନ ଯାତ୍ରୀ ସେବା ଆରମ୍ଭ କରିବା ପାଇଁ ଏକ ମିଶନ୍ ମୋଡରେ କାର୍ଯ୍ୟ କରୁଛି ଖଡ଼ଗପୁର ଡିଭିଜନ। ଏଥିରେ ଷ୍ଟେଶନ, ପ୍ଲାଟଫର୍ମ, ବୁକିଂ କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ବାକି କାର୍ଯ୍ୟଗୁଡିକ ମଧ୍ୟ ପ୍ରାଥମିକତା ଭିତ୍ତିରେ ରେଳବିଭାଗର ଏକ ଟିମ୍ ରାତି ଦିନ ଏକ କରିଦେଇଛନ୍ତି। ଫଳରେ ଆଉ ଦିନ କେଇଟାରେ ନୀଳଗିରିକୁ ଗଡ଼ିବ ଯାତ୍ରୀବାହୀ ଟ୍ରେନ୍।

### ଦୀର୍ଘବର୍ଷର ସ୍ୱପ୍ନ ପୂରଣ ହେବ

